# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 11 October - 2024

### News Editor : Tapan Kumar Moharana

*********************************

## ମୁଖ୍ୟ ସମ୍ବାଦ

- ଶକ୍ତିପୀଠଗୁଡ଼ିକରେ ଜଗତ୍‌ଜନନୀ ମା’ ଦୁର୍ଗାଙ୍କର ରୀତିନୀତିରେ ଚାଲିଛି ନବମୀ ପୂଜା

— ସମ୍ବଲପୁରର ଇଷ୍ଟଦେବୀ ମା’ ସମଲେଶ୍ୱରୀ ସିଦ୍ଧିଧାତ୍ରୀ ବେଶରେ ଦେଉଛନ୍ତି ଦର୍ଶନ

- କେନ୍ଦ୍ର ସରକାର ଓଡ଼ିଶାକୁ ୮ ହଜାର ୬୮ କୋଟି ଟଙ୍କାର କେନ୍ଦ୍ରୀୟ ଟିକସ ଭାଗ ବାବଦ କିସ୍ତି କଲେ ପ୍ରଦାନ

- ମହାନ୍ ଜନନାୟକ ଜୟପ୍ରକାଶ ନାରାୟଣ ଏବଂ ସ୍ୱାଧୀନତା ସଂଗ୍ରାମୀ ସହିଦ୍ ବାଜି ରାଉତଙ୍କୁ ରାଜ୍ୟବାସୀ ଦେଲେ ଶ୍ରଦ୍ଧାଞ୍ଜଳି

ଏବଂ

- ଲିଙ୍ଗଗତ ସମାନତା ଏବଂ କନ୍ୟା ସନ୍ତାନକୁ ସମାନ ସୁଯୋଗ ଦେବା ନେଇ ଆଜି ପାଳନ କରାଯାଉଛି ଅନ୍ତର୍ଜାତୀୟ ବାଳିକା ଦିବସ

# ନବରାତ୍ର ପୂଜା

ଆଦ୍ୟାଶକ୍ତି, ଜଗଦ୍ଧାତ୍ରୀ, ଜଗତ୍‌ଜନନୀ ମା' ଦୁର୍ଗାଙ୍କର ଆଗମନରେ ପୁରପଲ୍ଲୀ ଆଜି ଉତ୍ସବ ମୁଖରିତ ହୋଇଉଠିଛି। ଦୁର୍ଗତୀନାଶିନୀଙ୍କ ଆବାହନରେ ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ନବମୀ ପୂଜା ଚାଲିଛି । ଘଣ୍ଟଘଣ୍ଟା ଓ ଶଙ୍ଖ ଧ୍ୱନିରେ  ପୂଜା ମଣ୍ଡପଗୁଡ଼ିକରେ ମା'ଙ୍କ ଆଜି ଅଷ୍ଟମୀରେ ସନ୍ଧିପୂଜା ଅନୁଷ୍ଠିତ ହେଉଛି। କଟକ ସହରରେ ଚାନ୍ଦିମେଢ଼ ସଂଖ୍ୟା ୩୪କୁ ମିଶାଇ ମୋଟ୍ ୧୭୦ଟି ମଣ୍ଡପରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ପୂଜାର୍ଚ୍ଚନା କରାଯାଉଛି।

**ଢେଙ୍କାନାଳ** ଜିଲ୍ଲାରେ ଦୁର୍ଗାପୂଜା ଉତ୍ସବ ମହାସମାରୋହରେ ପାଳିତ ହେଉଛି। ଜିଲ୍ଲାରେ ମୋଟ ୩୫ଟି ମେଢ଼ ହୋଇଛି। ଜିଲ୍ଲାର ଭୁବନରେ ଦଶହରା ଅବସରରେ ବଳଦ ଯାତ୍ରା ପାଇଁ ଅଭ୍ୟାସ ଚାଲିଛି। ଏହି ଯାତ୍ରା ଦଶହରା ଦିନ ସନ୍ଧ୍ୟାରେ ଅନୁଷ୍ଠିତ ହେବ।

ରାଜ୍ୟର ସମସ୍ତ ଦେବୀପୀଠ ଏବଂ ମଣ୍ଡପଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଦେଖିବାକୁ ମିଳୁଛି। ରାଜଧାନୀର ପାଟଣାସାହି ପୂଜା ମଣ୍ଡପ ସମେତ ବିଭିନ୍ନ ମଣ୍ଡପକୁ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ମା'ଙ୍କ ଦର୍ଶନ କରିଛନ୍ତି। ପାଟଣାସାହି ପୂଜା ମଣ୍ଡପରେ ପୂଜା ଅବସରରେ ପୂଜା ବିଶେଷାଙ୍କ ପୁସ୍ତିକାକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ।

ଏହି ଅବସରରେ ଏକାମ୍ର ବିଧାୟକ ବାବୁ ସିଂ ରାଜ୍ୟ ବିଜେପିର ପୂର୍ବତନ ସଭାପତି ସମୀର ମହାନ୍ତିଙ୍କ ସମେତ ବିଜେପିର ବହୁ କର୍ମୀ ଉପସ୍ଥିତ ଥିଲେ।

ମୁଖ୍ୟମନ୍ତ୍ରୀ ରାଜଧାନୀରେ ଆଜି ୧୦ଟି ପୂଜାମଣ୍ଡପ ପରିଦର୍ଶନ କରିବେ ବୋଲି ଜଣାପଡିଛି ଏବଂ ଆସନ୍ତାକାଲି କଟକର ବିଭିନ୍ନ ପୂଜାମଣ୍ଡପ ବୁଲିବା ପରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରର ଗସ୍ତ କରିବେ।

ଶାରଦୀୟ ଦୁର୍ଗା ପୂଜା ଅବସରରେ ରାଜ୍ୟ ସରକାର ଭୁବନେଶ୍ୱର ସମେତ ରାଜ୍ୟର ସମସ୍ତ ଦୁର୍ଗାପୂଜା ମଣ୍ଡପଗୁଡ଼ିକରୁ ଆଦାୟ ହେଉଥିବା ଟିକସ ଛାଡ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ସରକାର ଏହି ପଦକ୍ଷେପ ନେଇଛନ୍ତି।

## ନବରାତ୍ରୀ ପୂଜା

ଆଶ୍ୱିନମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିରୁ ଆରମ୍ଭ ହୋଇଛି ମା' ଜଗତଜନନୀ ଦୁର୍ଗାଙ୍କର ନବରାତ୍ର ପୂଜା। ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଆଜି ମା'ଙ୍କୁ ସିଦ୍ଧିଧାତ୍ରୀ ବେଶରେ ସଜ୍ଜିତ କରାଯିବା ସହିତ ସ୍ୱତନ୍ତ୍ର ପୂଜାନୀତି ଅନୁଷ୍ଠିତ ହେଉଛି।

ସମ୍ବଲପୁରରେ ମା' ସମଲେଇ ସିଦ୍ଧିଧାତ୍ରୀ ରୂପେ ପୂଜା ପାଉଛନ୍ତି। ଗତକାଲି ମା'ଙ୍କ ପୀଠରେ ଖଣ୍ଡାଧୂଆ ପରମ୍ପରା ସରିଥିବାବେଳେ ଭାଇଜିଉନ୍ତିଆ ପୂଜା ପାଇଁ ବ୍ରତଧାରୀ ମହିଳାଙ୍କ ଭିଡ ଜମିଥିଲା। ମା'ଙ୍କ ଷୋହଳ ପୂଜାରେ ସାମିଲ ହେବା ସହ ଦର୍ଶନ କରିବା ପାଇଁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଛି।  ଏ ସମ୍ପର୍କରେ ଆମ ସମ୍ବଲପୁର  ସମ୍ବାଦଦାତା ଗୁଣମଣି ବିଶ୍ୱାଳଙ୍କ ରିପୋର୍ଟ....

**- V/O –**

## ଦୁର୍ଗାପୂଜା–କଟକ

ହଜାରେ ବର୍ଷର ସହର କଟକରେ ଦଶହରା ପର୍ବର ପରମ୍ପରା ସ୍ୱତନ୍ତ୍ର। ଦେବୀ ଦୁର୍ଗାଙ୍କୁ ଷଷ୍ଠୀ ତିଥିରେ ଚକ୍ଷୁଦାନ ପରେ ବିଭିନ୍ନ ଉପଚାରରେ ପ୍ରତିଦିନ ପୂଜା କରାଯାଇଥାଏ। ଜଗତ୍‌ଜନନୀ ମା' ଦୁର୍ଗାଙ୍କ ଧରାବତରଣ ପରେ ଧରାପୃଷ୍ଠ ଉତ୍ସବମୁଖର ହୋଇଉଠିଛି।  ତୋରଣ ସାଙ୍ଗକୁ ମଣ୍ଡପର ସାଜସଜ୍ଜା ଓ ମନ୍ତ୍ରଧ୍ୱନିରେ ପୂରା ସହର ପ୍ରକମ୍ପିତ ହୋଇଉଠିଛି। ଦେବୀ ଦୁର୍ଗାଙ୍କୁ ଆଜି ମଣ୍ଡପରେ ଅଷ୍ଟମୀ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଉଛି। ସକାଳୁ ମହିଳାମାନେ ଅଷ୍ଟମୀ ବ୍ରତ ପୂଜା ମଣ୍ଡପରେ କରିଥିଲେ। **କଟକ** ଦୁର୍ଗାପୂଜା ସମ୍ପର୍କିତ ଏକ ରିପୋର୍ଟ.....**- V/O -**

*କଟକ ଜିଲ୍ଲାର ଶକ୍ତିପୀଠଗୁଡ଼ିକରେ ଦେବୀଙ୍କର ମହାନବମୀ ପୂଜା ଆଜି ଅନୁଷ୍ଠିତ ହେଉଛି। ଐତିହାସିକ ଗଡଖାଇ ମଧ୍ୟରେ ଥିବା ଗଡ଼ଚଣ୍ଡୀଙ୍କୁ ମହାନବମୀରେ ମହାକାଳୀ ବେଶରେ ସଜାଯାଇଥିଲା। ସେହିପରି ଅଧିଷ୍ଠାତ୍ରୀ ଦେବୀ କଟକ ଚଣ୍ଡୀ ଆଜି ମହାଲକ୍ଷ୍ମୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି। ଉଭୟ ପୂଜାମଣ୍ଡପ ଓ ଦେବୀପୀଠ ଘଣ୍ଟ, ଘଣ୍ଟା ଓ ବିଭିନ୍ନ ବାଦ୍ୟ ଯନ୍ତ୍ରରେ ପ୍ରକମ୍ପିତ ହେଉଛ। ଶାରଦୀୟ ପୂଜା ଯୋଗୁଁ କଟକ ସହର ଚଳଚଞ୍ଚଳ ହୋଇଉଠିଛି। ଚଳିତବର୍ଷ କଟକ ସହରର ୧୭୪ଟି ପୂଜା ମଣ୍ଡପରେ ମା' ମହାମାୟାଙ୍କ ଆରାଧନା କରାଯାଉଛି। ସେଥିମଧ୍ୟରୁ ୩୪ଟି ସ୍ଥାନରେ ଚାନ୍ଦିମେଢ଼, ଗୋଟିଏ ପିତ୍ତଳ ଗୋଟିଏ କାଚ ସମେତ ୨ଟି ଆଂଶିକ ସୁନା ମେଢ଼ ହୋଇଛି। ଚାନ୍ଦିମେଢ଼ ଦେଖିବା ପାଇଁ ପ୍ରବଳ ଜନ ସମାଗମ ହେଉଛି। ଅପରପକ୍ଷରେ,*

*ବଡମ୍ଧାରେ ଥିବା ମା' ଭଟ୍ଟାରିକା ଓ ବାଙ୍କୀରେ ଥିବା ମା' ଚର୍ଚ୍ଚିକାଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ନୀତି ଚାଲିଛି ।*

## ଛତର ଯାତ୍ରା

**କଳାହାଣ୍ଡି** ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀଙ୍କ ବିଜୟ ଛତର ଯାତ୍ରା ଆଜି ସମ୍ପନ୍ନ ହୋଇଛି । ପ୍ରତିବର୍ଷ ପରି ମହାଷ୍ଟମୀ ମଧ୍ୟରାତ୍ରିରେ ଦେବୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ ମା' ମାଣିକେଶ୍ୱରୀଙ୍କ ବିଜୟ ପ୍ରତିମା ଛତରକୁ ସହରର ଉପଣ୍ଠରେ ଉତ୍ତର-ପଶ୍ଚିମ ଦିଗରେ ମନ୍ଦିରଠାରୁ ପ୍ରାୟ ୩ କିଲୋମିଟର ଦୂରରେ ଥିବା ଜେନାଖାଲକୁ ନିଆଯାଇଥିଲା । ସେଠାରେ ଗୁପ୍ତପୂଜା ପରେ ଆଜି ପ୍ରତ୍ୟୁଷରୁ ଦେବୀଙ୍କ ଛତର ପରେ ଛତରର ପ୍ରତ୍ୟାବର୍ତ୍ତନ ଯାତ୍ରା ଆରମ୍ଭ ହୋଇଥିଲା । ଛତର ଯାତ୍ରା ସମ୍ପର୍କରେ ଆଂଚଳିକ ସମ୍ବାଦ ବିଭାଗ ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟ....

**- V/O -**

*ପାରମ୍ପରିକ ବାଦ୍ୟ ଓ ନୃତ୍ୟର ତାଳେତାଳେ ହଜାର ହଜାର ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରୁଛନ୍ତି । ଏଥିରେ ଲକ୍ଷାଧିକ ଶ୍ରଦ୍ଧାଳୁ ମାନସିକ କରି ଛତରକୁ ପୂଜାର୍ଚ୍ଚନା କରିଥିଲେ । ଭକ୍ତମାନେ ଶାନ୍ତି ଓ ମୈତ୍ରୀର ପ୍ରତୀକ କଳା ଓ ଧଳା ରଙ୍ଗର ପାରାକୁ ଛତର ଉପରେ ଉଡାଇ ବର୍ଷକ ଯାକ କିଭଳି ଶୁଭରେ କଟିବ ସେ ନେଇ ଉଡାଇଥିଲେ ।  ଏଥିରେ ପଡୋଶୀ ଜିଲ୍ଲା ତଥା ରାଜ୍ୟ ବାହାରରୁ ବହୁ ମାନସିକଧାରୀଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ମାଣିକେଶ୍ୱରୀ ମନ୍ଦିରରେ*

*ଛତର ପହଞ୍ଚିବା ପରେ ସେଠାରେ କଳାହାଣ୍ଡି ରାଜ ପରିବାର ପକ୍ଷରୁ ଛତରକୁ ସ୍ୱାଗତ କରି ମନ୍ଦିର ଗର୍ଭଗୃହକୁ ପାଛୋଟି ନିଆଯାଇଥିଲା । ଆଂଚଳିକ ସମ୍ବାଦ ବିଭାଗ କଳାହାଣ୍ଡି ସମ୍ବାଦଦାତା ସୁନୀଲ ପାଢ଼ୀଙ୍କ ରିପୋର୍ଟ ସହ ମୁଁ ସତ୍ୟବ୍ରତ ବେହୁରା ।*

## କେନ୍ଦ୍ର ସରକାର–ଟିକସ

କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ କେନ୍ଦ୍ରୀୟ ଟିକସ ଭାଗ ବାବଦ କିସ୍ତି ଆକାରରେ ୧ ଲକ୍ଷ ୭୮ ହଜାର ୧୭୩ କୋଟି ଟଙ୍କା ଦେଇଛନ୍ତି । ସେଥିମଧ୍ୟରୁ ଓଡ଼ିଶାକୁ ୮ ହଜାର ୬୮ କୋଟି ଟଙ୍କା ମିଳିଛି । ରାଜ୍ୟରେ ଚାଲିଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ଏବଂ ରାଜ୍ୟର ସାମାଜିକ ଓ ଆର୍ଥିକ ବିକାଶକୁ ମଜବୁତ୍ କରିବା ପାଇଁ କେନ୍ଦ୍ର ସରକାର ଏହି ରାଶି ଦେଇଛନ୍ତି । କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ମାସିକ କିସ୍ତି ଆକାରରେ ଟିକସ ଭାଗ ଦେଇଥାନ୍ତି । ଚଳିତ ଉତ୍ସବ ଋତୁକୁ ଦୃଷ୍ଟିରେ ରଖି ଅକ୍ଟୋବର ମାସ ପାଇଁ ଏକସଙ୍ଗରେ ୨ଟି କିସ୍ତି ଦେଇଛନ୍ତି । ମିଳିଥିବା ସୂଚନା ଅନୁସାରେ, ଚଳିତ ଆର୍ଥିକବର୍ଷରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡ଼ିକୁ କେନ୍ଦ୍ର ସରକାର ୨୩ ଲକ୍ଷ ୪୮ ହଜାର ୯୮୦ କୋଟି ଟଙ୍କା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଯାହାକି, ପୂର୍ବ ଆର୍ଥିକବର୍ଷ ତୁଳନାରେ ପ୍ରାୟ ୧୧ ଦଶମିକ ୯ ପ୍ରତିଶତ ଅଧିକ ପ୍ରଦାନ କରିବା ନେଇ ଲକ୍ଷ୍ୟ ରଖାଯାଇଛି ।

## ଜୟପ୍ରକାଶ ନାରାୟଣ- ଜୟନ୍ତୀ

ମହାନ୍ ଜନନାୟକ ଜୟପ୍ରକାଶ ନାରାୟଣଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ଆଜି ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକ ସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ଜନସାଧାରଣ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ସେହିପରି ଆଜି ଶହୀଦ ବାଜି ରାଉତଙ୍କ ଶ୍ରାଦ୍ଧ ଦିବସ ଅବସରରେ ଭୁବନେଶ୍ୱର ୟୁନିଟ୍-୮ଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଛି । ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା ।

ଗାନ୍ଧୀ-ଲୋହିଆ-ଜୟପ୍ରକାଶ ମଞ୍ଚ ଓ ସଂପୂର୍ଣ୍ଣ କ୍ରାନ୍ତି ମଞ୍ଚ ମିଳିତ ଆନୁକୂଲ୍ୟରେ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୧୨୨ତମ ଜୟନ୍ତୀ କଟକ ମର୍କତନଗରସ୍ଥ ଜୟପ୍ରକାଶ ଉଦ୍ୟାନପୁଞ୍ଜଠାରେ ପାଳିତ ହୋଇଯାଇଅଛି । ଡାକ୍ତର ରବି ରଞ୍ଜନ ସାହୁଙ୍କ ସଂଯୋଜନା ଓ ଶିଶିର ଦାସଙ୍କ ଅଧ୍ୟକ୍ଷତାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । କ୍ଷମତା ବାହାରେ ରହି ରାଜନୀତି କରିବା କିଭଳି ସମ୍ଭବ, ତାହା ଲୋକନାୟକ ଜୟପ୍ରକାଶ ନାରାୟଣ ପ୍ରମାଣ କରି ଦେଖାଇଥିଲେ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ ।

## ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ

ଆଜି ଅନ୍ତର୍ଜାତୀୟ କନ୍ୟାସନ୍ତାନ ଦିବସ । ଲିଙ୍ଗଗତ ସମାନତା ଏବଂ କନ୍ୟା ସନ୍ତନକୁ ସମାନ ସୁଯୋଗ ଦେବା ନେଇ ଆଜି ଅନ୍ତର୍ଜାତୀୟ ବାଳିକା

ଦିବସ ପାଳନ କରାଯାଉଛି । ଶିକ୍ଷା, ପୋଷଣ, ଶାରୀରିକ ଓ ମାନସିକ କଲ୍ୟାଣ, ଆଇନଗତ ଅଧିକାର, ସ୍ୱାସ୍ଥ୍ୟ ଏବଂ ହିଂସା ବିନା ସୁରକ୍ଷିତ ଜୀବନ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବାଳିକାମାନେ ଭେଦଭାବର ଶିକାର ନ ହେବାପାଇଁ ସଚେତନତାମୂଳକ ବାର୍ତ୍ତା ଦିଆଯାଉଛି । ଚଳିତ ବର୍ଷ ଅନ୍ତର୍ଜାତୀୟ କନ୍ୟାସନ୍ତାନ ଦିବସର ବିଷୟ ରହିଛି "ଭବିଷ୍ୟତ ପାଇଁ କନ୍ୟାଙ୍କ ଦୂରଦୃଷ୍ଟି" । ସମଗ୍ର ବିଶ୍ୱରେ ଝିଅମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାଗୁଡ଼ିକର ସମାଧାନ କରିବା ଏବଂ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । ୨୦୧୧ ମସିହା ଡିସେମ୍ବର ମାସ ୧୯ ତାରିଖରେ ଜାତିସଂଘ ସାଧାରଣ ପରିଷଦରେ ଅନ୍ତର୍ଜାତୀୟ ବାଳିକା ଦିବସ ପାଳନ ପାଇଁ ପ୍ରସ୍ତାବ ପାରିତ ହେବା ପରେ ୨୦୧୨ ମସିହାରୁ ବିଶ୍ୱସ୍ତରରେ ଏହି ଦିବସ ପାଳନ କରାଯାଉଛି ।

## ଖେଳ

ଭାରତର ସବୁଠୁ ବୃହତ୍ ତଥା ସମ୍ମାନଜନକ ଘରୋଇ କ୍ରିକେଟ୍ ପ୍ରତିଯୋଗିତା ରଣଜୀ ଟ୍ରଫି ଆଜିଠାରୁ ଆରମ୍ଭ ହେବ । ଏଲିଟ୍ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ପ୍ରଥମ ମ୍ୟାଚରେ ତ୍ରିପୁରା ବିପକ୍ଷରେ ଆଗରତାଲାରେ ଅଭିଯାନ ଆରମ୍ଭ କରିବ । ୨୦୧୯-୨୦ ଋତୁ ପରେ ପ୍ରଥମଥର ଏହି ଦୁଇ ଦଳ ପରସ୍ପରକୁ ଭେଟିବାକୁ ଯାଉଛନ୍ତି । ସୂଚନାଯୋଗ୍ୟ, ବର୍ଷାଯୋଗୁଁ ପଡିଆ ଓଦା ଥିବାରୁ ଆଜି ମ୍ୟାଚ ଆରମ୍ଭ ହେବା ବିଳମ୍ବ ହୋଇପାରେ ବୋଲି ସୂଚନା ମିଳିଛି ।

*******************************